# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୪.୦୨.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ଶ୍ରୀମତୀ ନମିତା ମହାପାତ୍ର,
୪. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୧୪.୦୨.୨୦୨୩ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଗୃହ ଗୁଡ଼ିକରୁ ଠିକ୍ ଭାବରେ ଗୃହ ଟିକସ ଆଦାୟ ହୋଇପାରୁ ନଥିବାର କମିଟିଙ୍କ ଦୃଷ୍ଟିକୁ ଆସିଥିବାରୁ ନିଗମାଂଚଳରେ ଥିବା ପ୍ରତ୍ୟେକ ଗୃହର ଡ଼ାଟାବେସ୍ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୧) ତା ୧୪.୧୨.୨୦୨୨ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଭୁବନେଶ୍ୱର ମହାନଗର ନିଗମାଂଚଳର ପ୍ରତ୍ୟେକ ଗୃହକୁ DDN survey କରାଯାଉଅଛି, ଏହି ସର୍ଭେର ଅଗ୍ରଗତି ସମ୍ବନ୍ଧରେ କମିଟିଙ୍କୁ ଉପ ଆୟୁକ୍ତ, IT ଅବଗତ କରାଇଥିଲେ ଯେ, ଉକ୍ତ ନଥି ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଙ୍କ ନିକଟରେ ଅଛି ଏବଂ ଉପ ଆୟୁକ୍ତ, ରାଜସ୍ୱ ଏହା ଉପରେ ତଥ୍ୟ ଦେବେ ବୋଲି କହିଥିଲେ । ତେଣୁ ଉପ ଆୟୁକ୍ତ ରାଜସ୍ୱ, ଉପ ଆୟୁକ୍ତ, IT, ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଙ୍କ ମଧ୍ୟରେ Co-ordination କରି କାର୍ଯ୍ୟକୁ ଅଗ୍ରଗତି କରାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହେବାକୁ ଥିବା ଭେଣ୍ଡିଂଜୋନ୍ ୱାର୍ଡ଼ ଅଫିସ୍ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ଯେଉଁ ଜମି ନିଗମକୁ ହସ୍ତାନ୍ତର କରିଛନ୍ତି ବି.ଏମ୍.ସି. ଏବଂ G.A Deptt. Joint demarcation କରି କାର୍ଯ୍ୟ ଗୁଡ଼ିକ ଖୁବ୍ ଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ବିଲ୍ଡ଼ର୍ ମାନେ ବହୁତଳ ପ୍ରାସାଦ ନିର୍ମାଣ କରୁଛନ୍ତି, ଜନସାଧାରଣ ପାଇଁ ଗମନାଗମନ ସୁବିଧା, ବର୍ଷାଜଳ ଓ ବ୍ୟବହୃତ ଜଳ, ସ୍ୱେରେଜ ଇତ୍ୟାଦି ନିଷ୍କାସନ ପାଇଁ ବ୍ୟବସ୍ଥା ନକରି ଘର ବିକ୍ରୀ କରିଦେଉଛନ୍ତି, ଫଳରେ ଲୋକମାନେ ଘର କ୍ରୟ କରିସାରିବା ପରେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେଣୁ ନିର୍ମାଣକାରୀ ସଂସ୍ଥା/ ବ୍ୟକ୍ତି ଭୁବନେଶ୍ୱର ମହାନଗର ନିଗମରୁ Final N.O.C ଏବଂ Occupancy Certificate ନନେଲେ ତାଙ୍କର ଗୃହ ବିକ୍ରୀ ଖର୍ଦ୍ଦି ନିମନ୍ତେ ରେଜିଷ୍ଟ୍ରେସନ୍ ନକରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ରାଜ୍ୟ ସରକାର ଭୁବନେଶ୍ୱର ମହାନଗର ନିଗମକୁ ପ୍ଲାନ୍ ଅନୁମୋଦନ କ୍ଷମତା ଦେବାପରେ ମଧ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଭୁବନେଶ୍ୱର ମହାନଗର ନିଗମାଂଚଳର ପ୍ଲାନ୍ ଅନୁମୋଦନ ହେଉଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି । ତେଣୁ ଯେଉଁ ଦିନ ଠାରୁ ରାଜ୍ୟ ସରକାର ପ୍ଲାନ୍ ଅନୁମୋଦନ କ୍ଷମତା ଭୁବନେଶ୍ୱର ମହାନଗର ନିଗମକୁ ପ୍ରଦାନ କରିଛନ୍ତି ସେହି ଦିନ ଠାରୁ BDA, Scrutiny fee ରଖି ଅନ୍ୟାନ୍ୟ ଅର୍ଥ ଭୁବନେଶ୍ୱର ମହାନଗର ନିଗମକୁ ଫେରସ୍ତ କରିବା ସହିତ ଯେଉଁମାନଙ୍କର ଆବେଦନ ପତ୍ର ଗୁଡ଼ିକ BDA ନିକଟରେ pending ରହିଅଛି, ସେଗୁଡ଼ିକୁ ଆପ୍ରୁଭାଲ୍ ନକରି ତୁରନ୍ତ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷଙ୍କୁ ଅନୁରୋଧ କରିବା ଏବଂ ଏ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ Awareness କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୪.୦୨.୨୦୨୩ ରିଖ